**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**ବୈଦେଶିକ ମୁଦ୍ରା ବିଭାଗ**
**କେନ୍ଦ୍ରୀୟ କାର୍ଯ୍ୟାଳୟ**
**ମୁମ୍ବାଇ-୪୦୦୦୦୧**

ଏ.ପି.(ଡ଼ିଆଇଆର ସିରିଜ୍) ପରିପତ୍ର ନଂ .୧୧
ଏ.ପି.(ଏଫ୍ଏଲ୍ ସିରିଜ୍) ପରିପତ୍ର ନଂ .୧

ନଭେମ୍ବର ୧୩, ୨୦୦୧

ବୈଦେଶିକ ବିନିମୟ ପାଇଁ ପ୍ରାଧିକୃତ ବ୍ୟକ୍ତିବିଶେଷ

ପ୍ରିୟ ମହାଶୟା/ମହାଶୟ,

**ବିଦେଶ ଭ୍ରମଣ ପାଇଁ ବୈଦେଶିକ ମୁଦ୍ରା ପ୍ରଦାନ -ମୁଦ୍ରା ଉପାଂଶ**

ବିଦେଶ ଭ୍ରମଣରେ ଯାଉଥିବା ଯାତ୍ରୀ ମାନଙ୍କୁ (ଇରାକ, ଲିବ୍ୟା, ଇରାନ୍, ଋଷିଆ, ସ୍ୱାଧୀନ ରାଜ୍ୟଗୋଷ୍ଠୀ ଅନ୍ତର୍ଗତ ଦେଶ ମାନଙ୍କ ବ୍ୟତୀତ) ୫୦୦ ଆମେରିକୀୟ ଡ଼ଲାର ବା ତତୁଲ୍ୟ ରାଶିର ବୈଦେଶିକ ବିନିମୟ ନୋଟ କିମ୍ବା ମୁଦ୍ରା ଆକାରରେ ପ୍ରଦାନ କରିବା ପାଇଁ ପ୍ରାଧିକୃତ ଡ଼ିଲର ଓ ସମ୍ପୂର୍ଣ୍ଣ ବୈଦେଶିକ ମୁଦ୍ରା ପ୍ରତିବଦଳକାରୀଙ୍କୁ ଅଧିକାର ଦିଆଯାଇଥିଲା । ଏହି ରାଶିର ସୀମା ୨୦୦୦ ଆମେରିକୀୟ ଡ଼ଲାର କୁ ବୃଦ୍ଧି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଅଛି । ରିଜର୍ଭ ବ୍ୟାଙ୍କର ଅନୁମତି ନନେଇ ଉପରୋକ୍ତ ଯାତ୍ରୀ ମାନଙ୍କୁ ଏହି ପରିମାଣର ରାଶି ପ୍ରଦାନ କରାଯାଇପାରିବ। ପ୍ରାଧିକୃତ ଡ଼ିଲର ଓ ପୂର୍ଣ୍ଣ ବୈଦେଶିକ ମୁଦ୍ରା ପ୍ରତିବଦଳକାରୀ ମାନେ ଏହି ଅନୁସାରେ ସେମାନଙ୍କୁ ଉପଲବ୍ଧ ହେଉଥିବା ବୈଦେଶିକ ବିନିମୟରୁ ୨୦୦୦ ଆମେରିକୀୟ ଡ଼ଲାର ପର୍ଯ୍ୟନ୍ତ ରାଶି ନୋଟ କିମ୍ବା ମୁଦ୍ରା ଭାବରେ ବିକ୍ରୟ କରିପାରିବେ ।

୨. ପ୍ରାଧିକୃତ ବ୍ୟକ୍ତିମାନେ ଏହି ପରିପତ୍ରର ବିଷୟବସ୍ତୁ ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥାଙ୍କୁ ଅବଗତ କରାଇପାରନ୍ତି ।

୩. ଏହି ପରିପତ୍ର ଅନ୍ତର୍ଗତ ନିର୍ଦ୍ଦେଶାବଳୀ ବୈଦେଶିକ ବିନିମୟ ପରିଚାଳନା ଅଧିନିୟମ, ୧୯୯୯ (୧୯୯୯ର ୪୨)ର ଅନୁଚ୍ଛେଦ ୧୦(୪) ଓ ୧୧(୧) ଅନୁସାରେ ଜାରୀ କରାଯାଇ ଅଛି ।

ଆପଣଙ୍କର ବିଶ୍ୱସ୍ତ
**ଗ୍ରେସ୍ କୋଶୀ**
ମୁଖ୍ୟ ମହାପ୍ରବନ୍ଧକ